

# ଆମେ କୃତଜ୍ଞ

ନୂଆବର୍ଷ ୨୦୨୧ ପାଇଁ ଅନେକ ଅନେକ ଶୁଭେଚ୍ଛା । ଆଶା, ଏ ନୂତନ ବର୍ଷଟି ଆପଣମାନଙ୍କ ପାଇଁ ଅନୁକୂଳ ରହୁ, ଶୁଭପ୍ରଦ, ସୁଖପ୍ରଦ ରହୁ ।

ଆମ ଜୀବନ ଅନେକଙ୍କ ଉପକାରର, ଦାନର ଏକ ସମାହାର । ଆମେ କୃତଜ୍ଞ ଆମ ପିତାମାତାଙ୍କ ନିକଟରେ, ସେମାନେ ଆମର ଜନ୍ମଦାତା ଓ ଆମକୁ ପରିପୋଷଣ କରିଆସିଛନ୍ତି । ଆମେ କୃତଜ୍ଞ ଆମ ଶିକ୍ଷକ, ଶିକ୍ଷୟିତ୍ରୀ ମାନଙ୍କ ନିକଟରେ; ସେମାନଙ୍କ ଶିକ୍ଷା ଦାନ, ଆମ ଜୀବନ ଗଢିଛି, ଆମ ଜୀବିକା ଗଢିଛି । ଆମେ କୃତଜ୍ଞ ଆମ ଜନ୍ମଭୂମି ନିକଟରେ, ଯାହାର ପାଣି, ପବନ, ଶସ୍ୟ ଆମକୁ ପରିପୁଷ୍ଟ କରିଛି । ଆମେ କୃତଜ୍ଞ ଈଶ୍ୱରଙ୍କ ନିକଟରେ, ଯାହାଙ୍କ ଆଶୀର୍ବାଦ ବିନା ଆମ ଶରୀର ଓ ମନର ସୁସ୍ଥତା ଅସମ୍ଭବ । ଆଉ ଏମିତି ଅଲଗା ଭାବେ ବିଗ୍ଦର କଲେ, ଆମେ ମଧ୍ଯ କୃତଜ୍ଞ ଏ କରୋନା ଭୂତାଣୁ ନିକଟରେ, ଯିଏ ଆମକୁ ଜୀବନର ପ୍ରକୃତ ମୂଲ୍ୟ ଶିଖାଇଛି, ଜୀବନର ପ୍ରକୃତ ଆବଶ୍ୟକତା ଚିହ୍ନାଇ ଦେଇଛି ଓ ନିଜକୁ ନିଜର ଆତ୍ମା ସହିତ ପରିଚିତ ହେବାର ପ୍ରଚୁର ଅବକାଶ ଯୋଗାଇ ଦେଇଛି ।

ଆମେ କୃତଜ୍ଞ ଆମ ବନ୍ଧୁଙ୍କ ନିକଟରେ, ସାଙ୍ଗସାଥୀଙ୍କ ନିକଟରେ, ଆମ ସମାଜ ନିକଟରେ, ଯେଉଁମାନଙ୍କ ବିନା, ଆମ ଜୀବନରେ ସରସତା ରହେନା । ସେଇ କୃତଜ୍ଞତାର କେତୋଟି ପଂକ୍ତି ଆମ ଭାବୁକ ମାନଙ୍କର, ଲେଖକ ମାନଙ୍କର, ବାଣ୍ଟୁଛୁ ଆଜି ନୂଆବର୍ଷରେ, ଶୁଭକାମନା ସହିତ ।

ଇତି
ଶୀଖଣ୍ଡ ଶତପଥୀ, ସୁଲୋଚନା ପଟ୍ଟନାୟକ, ମନୋଜ ପଣ୍ଡା, ଦେବରାଜ ସାହୁ, ବିଜ୍ଞାନୀ ଦାସ, ଆତ୍ମାନ ବିଶ୍ୱାଳ, ସୁବାସ ଶତପଥୀ (ଯୋଗାଯୋଗ – ଲିନା ମିଶ୍ର)

# କୃତଜ୍ଞ

ଶିଖଣ୍ଡ ଶତପଥୀ



ପାରେ କିରେ ଭୁଲି ସେ ଜନମ ଭୂଇଁ
ମମତା ସେନେହ ପ୍ରୀତି
ଯା' ମନ ଗହନେ  ହୃଦୟ କନ୍ଦରେ
ଭାସୁଥାଏ ନିତି ନିତି

ସଖା ବନ୍ଧୁ ସାଥି ସହୋଦର ଜ୍ଞାତି
ଆପଣା ସଙ୍ଗତେ ଗଣି
ନିଷ୍କପଟ ହୃଦେ ଅନାବିଳ ସ୍ନେହେ
କଲେ ଆଜୀବନ ଋଣୀ

କାଳ ବିବର୍ତ୍ତନେ ବୟସ ଭାରରେ
ବେଗ ବଇଗେ ପେଷି
କେଶ ହୀନ କିଏ ଶୁଭ୍ର କେଶୀ ହାଏ
ଗଲେଣି କେତୋଟି ଖସି

ସମୟ କଥାଟି ଭାବେ ମୁଁ କଷଟି
କା ଦିନ କେବେ କେ ଜାଣେ
ଏ ଜୀବନ ସ୍ରୋତ ବହେ ଅବିରତ
ମିଶିବାକୁ ବିଶ୍ୱ ପ୍ରାଣେ

ଧନ୍ୟ ହେ ନିୟନ୍ତା ଅନନ୍ତର କୃପା
ଦେଲ ପ୍ରିୟ ଜନ ରାଶି
ଏ ତନୁ ତନ୍ତ୍ରୀରେ ବୋହୁ ପ୍ରେମ ସୁଧା
କୃତଜ୍ଞତା ଅହର୍ନିଶୀ

# ସୁଖ ଦୁଃଖ

ସୁଲୋଚନା ପଟ୍ଟନାୟକ,  ଏଲ୍କରିଜ,
ମେରୀଲାଣ୍ଡ



ତୁମେ ଚାଲିଯିବା ଦୁଃଖ
ମୁଁ ଭୁଲିଯିବି
ସୁନେଲି ସୁଖରେ
ମନ ଭରି ମୁଁ ରଖିବି ।

ସପନର ଜାଲ ବୁଣି
ଯଦି ଗଲ ଚାଲି
ସେ ଜାଲରେ ଛନ୍ଦି ହୋଇ
ପଡି ମୁଁ ରହିଲି ।

ସପନ ଦେଶରେ ଯେବେ
ଦେଖା ଆମ ହେବ
ଦିନ ମୁଁ ଗଣୁଛି ଆଜି
କେବେ ସେ ଆସିବ ।

ଆସିବ ଆସିବ ବୋଲି
ଗଣା ଚାଲିଥିବ
ଆଖିର ପଲକ ପରି
ମନେ ହେଉଥିବ ।

ପଥଶ୍ରାନ୍ତ  ହେବି ନାହିଁ
ଜୀବନ ଯାତ୍ରାରେ
ଚାଲୁଥିବି ତୁମକୁ ମୁଁ
ପାଇବା ଆଶାରେ ।

ମୋ' ଆଖିରେ ଆଖି ରଖି
କହିଥିଲ ମୋତେ
ଆଶା ହରାଅ ନାହିଁ ଗୋ
ଚାଲୁଥିବା ସାଥେ ।

ହେଉ ପଛେ ସେହି ରାସ୍ତା
ବିପରୀତ ଦିଗେ
ମିଳନ ହୋଇବ ନିଶ୍ଚେ
ଥିବା ଯାଏ ଭବେ ।

ତୁମ ଭାବନାରେ ଥିବି
ମୋ' ହୃଦୟେ ତୁମେ
ରଖିଥିବା ଏ ସଂପର୍କ
ଜନମେ ଜନମେ ।

ତୁମକୁ ମୋ' ସାଧୁବାଦ
ହେ ସଖା ସହୃଦ
ଆଜିର ଏ ଅବସରେ
ତୁମେ ମୋ' ବାନ୍ଧବ ।

ଧନ୍ୟବାଦ ଦେଉଅଛି
ହେ ସଖା ତୁମକୁ
ଶୁଣିଲ  ବୋଲି ମୋ' କଥା
ଧନ୍ୟ ମୋ' ନିଜକୁ ।

# କରୋନା ପ୍ରାର୍ଥନା

ସୁଲୋଚନା ପଟ୍ଟନାୟକ, ଏଲ୍କରିଜ, ମେରୀଲାଣ୍ଡ



ନୀଳ କନ୍ଦରରେ ପ୍ରଭୁ ବସିଅଛ ତୁମେ
ଭାବୁଅଛ କେତେ କଥା ତୁମେ ଆଜି ମନେ
କାହିଁ ଆସିଲ୍ ଏ "କରୋନା" କେତେ ପ୍ରାଣ ନେଲା
କିପରି ଯିବ ଏ ଦେଶୁ ଭାଳେଣି ପଡିଲ୍ ।

ଘରେ ରୁହ ଭାଇ ବନ୍ଧୁ ଦୂରତା ବଜାଇ
ମୋ' ପାଖକୁ ନ ଆସିଲେ ମନ ଦୁଃଖ ନାହିଁ
ଦେଶବାସୀଙ୍କର ଆଜି ପଡିଛି ଭାଳେଣି
ଯିବା ପାଇଁ ଅଗ୍ନନକେ ଡାକ ପଡିଲ୍ଣି ।

ଭଲ କଥା ଶିଖାଇଲ ଆସି ଆମ ପାଶେ
କିଛି ବି ପାଇବ ନାହିଁ କାହାର ପରଶେ
ଭଲ ପାଇବାର ବାର୍ତ୍ତା ମନେ ଥାଉ ତୁମ
ହୃଦେ ମୁଁ ରଖିବି ବାନ୍ଧି ଶପଥ ଏ ମମ ।

ହାତ ନାହିଁ ଗୋଡ ନାହିଁ ଆଖି ତୁମ ଖୋଲ୍
ଦେଖୁଛ ସଭିଙ୍କୁ ପର୍ ହୃଦ ତୁମ ମେଲ୍
ଗୋଡ ନାହିଁ ଯାଉଅଛ ବୁଲି ଏ ପୃଥିବୀ
ଲୋଡୁଅଛ ମତେ ଯଦି କିପରି ଜାଣିବି ?

କାହିଁକି ଏ ଭଳି ହେଲ, କିଏ ସେ ଗଢିଲା
ଏତେ ରୂପ ଥାଉ ଥାଉ ଅଧାରେ ରଖିଲ୍
କି ବାର୍ତ୍ତା ଦେଲ ହେ ପ୍ରଭୁ ମାନବ ଜାତିକୁ
ରୂପ ଭେକ ଭୁଲିଯାଅ ଦେଖ ତା' ମନକୁ ।

# ଜୀବନର ଝଡ୍ ପଥେ...

ମନୋଜ ପଣ୍ଡା, ଗେଥର୍ସବର୍ଗ୍, ମେରୀଲାଣ୍ଡ



ଜୀବନର ଝଡ୍ ପଥେ
ହସ ଲୁହ ଲିଭେ ଓଠେ
କାହାଣୀ ବି ଗଢେ ଭଙ୍ଗେ
ଦୁନିଆର ରସ ସଙ୍ଗେ ।
ଜୀବନର ଝଡ୍ ପଥେ.. (୧)

ଅଙ୍କାବଙ୍କା ଉଠାପକା
ଗିରିଶୃଙ୍ଗ ଉପତ୍ୟକା
ବନ୍ଧୁର କୋମଳ କାଳ
ନଦୀନାଳ ହଳାହଳ।
ଜୀବନର ଝଡ୍ ପଥେ.. (୨)

ସ୍ୱପ୍ନ ଘର ତୋଳି ରଚେ
ସତ ମିଛ ତୂଳୀ ଜାଲେ
ପଥହରା ପଥିକ ଯେ
ପଥ ପାଇ ଭୁଲି ଯାଏ
ଜୀବନର ଝଡ୍ ପଥେ...। (୩)

ଚାନ୍ଦିନୀର ରାତି ତଳେ
ମଳୟର ହିଲ୍ଲୋଳରେ
ମନ ଯେବେ ଫୁଲ୍ଲ ହୁଏ
ପ୍ରଣୟିନୀ ପ୍ରଣୟରେ ।
ଜୀବନର ଝଡ୍ ପଥେ.. (୪)

ଅସରନ୍ତି ଭାବାବେଗେ
କାନ୍ତି ଭଙ୍ଗା ଜୁଆରରେ
ଯାମିନୀର ପଣନ୍ତରେ
ତାରା ଫେରେ ପାହାନ୍ତାରେ ।
ଜୀବନର ଝଡ୍ ପଥେ.. (୫)

ଦୁଃଖ ସୁଖ ରସ ସାରେ
ଅନ୍ତର୍ନାଦ ଭୁଲନାରେ
ହୃଦୟର ଛନ୍ଦେ ଛନ୍ଦେ
ମାୟା ପାଶେ ବ୍ରହ୍ମ କାନ୍ଦେ ।
ଜୀବନର ଝଡ୍ ପଥେ.. (୬)

ଦୁନିଆଟା ପାନ୍ଥଶାଳା
ତୃଷ୍ଣା ମରିଚୀକା ଖେଳା
କେତେ ପନ୍ଥୀ ଆସେ ଯାଏ
ସାକ୍ଷୀହୋଇ ସ୍ମୃତି ଗାଏ ।
ଜୀବନର ଝଡ୍ ପଥେ.. (୭)

ଚଲ୍ ପଥେ ଝଂଜା ଝଡ
ଶିଖାଏ ସେ କେତେ ଗୂଢ
ବିଅତ୍ତିର ପରଦାରେ
ସମ୍ପତ୍ତି ଯେ ହାତ ଠାରେ ।
ଜୀବନର ଝଡ୍ ପଥେ.. (୮)

ଆଲୋକ ଓ ଅନ୍ଧାରର
ଲୁଚକାଳି ଖେଳ ତାର
ତଳୋପର ତାଳ ମେଳ
ସମୟର ପଶାଖେଳ
ଜୀବନର ଝଡ୍ ପଥେ..। (୯)

ବେହିସାବୀ ମଣିଷର
ବେପରୁଆ କାମ ତାର
ଧରଣୀକୁ ଦଳି ଦିଏ
ମତ୍ତହସ୍ତୀ ପ୍ରାୟେ ସିଏ
ଜୀବନର ଝଡ୍ ପଥେ..।
(୧୦)

ପ୍ରକୃତିର କ୍ରୋଧ ଆଗେ
ପ୍ରାୟଶ୍ଚିତ ଭାବ ଜାଗେ
ଅଶ୍ରୁପୂର୍ଣ୍ଣ କୋହବେଗେ
ଅନୁତପ୍ତ କ୍ଷମା ମାଗେ
ଜୀବନର ଝଡ୍ ପଥେ..।
(୧୧)

ସର୍ବଂସହା ଋଣ ପାଇଁ
ଆଭାର ପ୍ରକାଶେ ସେହି
କୃତାଞ୍ଜଳିପୁଟେ ମାଗେ
ଆଶିଷ ଢାଳହେ ବେଗେ
ଜୀବନର ଝଡ୍ ପଥେ..। (୧୨)

କାଳାକାଶ ଚକ୍ରବାଳେ
ଜୀବ-ପୋତ ଦୋଳି ଖେଳେ
ଅଧଃ ଊର୍ଦ୍ଧ୍ୱ ପରିସରେ
ଶେଷେ ଏକ ପାରାବାରେ
ଜୀବନର ଝଡ୍ ପଥେ..। (୧୩)

ନିଦ୍ରାହାର ଭୟ ମୋହ
କାମ କ୍ରୋଧ ଲୋଭ ସହ
ପର ଚର୍ଚ୍ଚା ପର ନିନ୍ଦା
ଜୀବ ଗାଥା ହୁଏ ବନ୍ଧା
ଜୀବନର ଝଡ୍ ପଥେ..। (୧୪)

ବର୍ତ୍ତମାନର ଗ୍ରହଣେ
ଆଗତ ଭବିଷ୍ୟ ରଣେ
ସମଚିତ୍ତେ ସକାରରେ
ନିଃଶଙ୍କ ନିର୍ଭୟ କରେ
ଜୀବନର ଝଡ୍ ପଥେ..। (୧୫)

ସୃଷ୍ଟିକର୍ତ୍ତା ଉପାସନେ
ପ୍ରେମାପ୍ଳୁତ ତପୋବନେ
ଭକ୍ତି ଧର୍ମ ଗଙ୍ଗାଜଳେ
ମୁକ୍ତି ପାଏ ଜୀବ ହେଳେ
ଜୀବନର ଝଡ୍ ପଥେ..। (୧୬)

-----------------------

ଡିସେମ୍ବର ୦୫, ୨୦୨୦
ମାର୍ଗଶୀର,କୃଷ୍ଣପକ୍ଷ ପଞ୍ଚମୀ

# ୱିଲ୍ଲିଅମ୍ ମହାନ୍ତି*

ଦେବବ୍ରଜ ସାହୁ , ନର୍ଥ ପଟୋମାକ୍, ମେରିଲାଣ୍ଡ



ଅଜ୍ଞାନ ଅନ୍ଧକାର ଦୂରକାରୀ
ସହଜ ସରଳ ପ୍ରତିଭା
ନିଷ୍କପଟ ନିରହଙ୍କାରୀ ମଣିଷ
ମୋ ଗୁରୁ ୱିଲ୍ଲିଅମ୍ ମହାନ୍ତି

ସଦ୍ୟ ସ୍ନାତକ
ମିଶନ ହାଇସ୍କୁଲରେ ପ୍ରଥମ କାର୍ଯ୍ୟ
ଅଷ୍ଟମ ଶ୍ରେଣୀରେ ଶିକ୍ଷ୍ୟା ଦାନ
ମୋ ଗୁରୁ ୱିଲ୍ଲିଅମ୍ ମହାନ୍ତି

ଇତିହାସ ଜୀବନ୍ତ ହୁଏ
ଭୂଗୋଳର ପରିଧି ବିସ୍ତୃତ ହୁଏ
ଆକାଂକ୍ଷା ଅଗ୍ରଗାମୀ ଅସୀମ ଦିଗ୍ବଳୟରେ
ମୋ ଗୁରୁ ୱିଲ୍ଲିଅମ୍ ମହାନ୍ତି

ବହୁଦିନ ପରେ ସାକ୍ଷ୍ୟାତ ହୁଏ
ହିଲ୍ପାଟଣା ଗଳିରେ
ନମସ୍କାର କରେ
ମୋ ଗୁରୁ ୱିଲ୍ଲିଅମ୍ ମହାନ୍ତି

ଆନନ୍ଦରେ ଗଦ୍ ଗଦ୍ ହୁଅନ୍ତି
ଛାତ୍ରର କୃତିତ୍ୱରେ
ପଚାରନ୍ତି କେତୋଟି ବହି ଲେଖିଛ ?
ମୋ ଗୁରୁ ୱିଲ୍ଲିଅମ୍ ମହାନ୍ତି

ହି ଲେଖିନି କିନ୍ତୁ
ସନ୍ଦର୍ଭ ଲେଖିଛି
ଏକ କ୍ଷୀଣ ଉତ୍ତର ଦିଏ
ମୋ ଗୁରୁ ୱିଲ୍ଲିଅମ୍ ମହାନ୍ତି

ଅବିବାହିତ ହୋଇ ଜୀବନ କଟାନ୍ତି
ଚାକିରିରୁ ଅବସର ନେଇ
ଉଦ୍ବେଗ ଓ ଯାତନାରେ ଅସହାୟ ହୋଇ
ମୋ ଗୁରୁ ୱିଲ୍ଲିଅମ୍ ମହାନ୍ତି

ଦେହାନ୍ତ ହୋଇଛି ଖବର ମିଳେ
ଜ୍ଞାନଦାତାର ପ୍ରଦୀପ ନିର୍ବାପିତ ହୋଇଛି
କିନ୍ତୁ ଶତାଧିକ ପ୍ରଦୀପ ଜାଳିଛନ୍ତି
ମୋ ଗୁରୁ ୱିଲ୍ଲିଅମ୍ ମହାନ୍ତି

* William Mohanty was my teacher at Queen of the Missions High School in Berhampur.  His teacher was my father at the same high school.

# କୃତାଞ୍ଜଳି ମୋର ଗଣିତ ଶିକ୍ଷୟିତ୍ରୀଙ୍କ ପାଇଁ

ବିଜ୍ଞାନୀ ଦାସ, ଡେଟନ୍, ମେରୀଲାଣ୍ଡ



ତୁମ ପ୍ରତି ମୋର ଶତ କୃତାଞ୍ଜଳି ସୁଝି ପାରିବନି ଋଣ
ଏ ଜୀବନ ମୋର ଧନ୍ୟ ହୋଇଛି ଲଭି ତୁମ ଶିକ୍ଷା ଧନ ।

ତୁମ ବେନି ହସ୍ତ ସତତ ପ୍ରସ୍ତୁତ ଥିଲ୍ ମୋ ସାହାଯ୍ୟ ପାଇଁ
କିଶୋରୀ ମାନସ ଭ୍ରମିତ ସମୟେ, ଜ୍ଞାନ ଉପଦେଶ ଦେଇ ।

ଶିକ୍ଷାଶ୍ରେଣୀ ମଧେ ଗଣିତ, ବିଜ୍ଞାନ, ନୀତି ନିୟମର ଧାରା
ତା' ସହିତ କେତେ ଜୀବନ ଦର୍ଶନ ଆପେ ଯୋଡି ଯାଇଥିଲା ।

ଜୀବନ ଗଣିତ ଭିନ୍ନ ନୁହେଁ କେବେ ସବୁ ତ ସୂତ୍ରରେ ବନ୍ଧା
କେବେ ଏକଘାତ, କେବେ ସେ ଅବୈଧ ସମୀକରଣରେ ଛନ୍ଦା ।

ସମାଧାନ କେବେ ସରଳ ତ ପୁଣି କେବେ ଅତ୍ୟନ୍ତ ଜଟିଳ
ସାଧ ସବୁ ପ୍ରଶ୍ନ, ଏକାଗ୍ରତା ପଣେ କରିଲେ ଚିନ୍ତା ଗଭୀର ।

ବିଜ୍ଞାନ ସହିତ ଶିଖାଇଥିଲ ତ ପ୍ରତିପାଦନ ସଂସ୍କାର
ବିନା ପରୀକ୍ଷଣେ, କିଛି ସୂତ୍ର କେବେ ହୁଏନି କେଉଁ ଆଧାର ।

ଜଗତରେ ଯାହା ଘଟିଛି, ଘଟୁଛି, ତା ପଛେ ଅଛି କାରଣ
ସେସବୁ କାରଣ ପାଇଁ ନାନା ସୂତ୍ର ଖଞ୍ଜା ରହିଅଛି ଜାଣ ।

ଭବିଷ୍ୟତ ପାଇଁ ଭ୍ବେ ଯେବେ ମୁହିଁ, ସପନରେ ଯାଏ ମଜ୍ଜି
ଅତୀତର ସେଇ ଶ୍ରେଣୀ ଗୃହ ଶିକ୍ଷା ମନେ ଆସଇ ବିଗ୍ଜି ।

ଶିଖିଛି ମୁଁ ଗଣି କେତେ ଆଶୀର୍ବାଦ, ଚଢିଛି କେତେ ସୋପାନ
ଅତୀତରେ କେବେ ଜୀଇଁ ରହିନାହିଁ, ସ୍ଥିର କରିଦେଇ ମନ ।

ରହିଲେ ଉଦ୍ୟମ, ଅସମ୍ଭବ କିଛି ରହେ ନାହିଁ ଦୁନିଆଁରେ
ସେ ଆତ୍ମବିଶ୍ୱାସ ଦେଲ ତୁମେ ମୋତେ, ସାହସ ଆଗେଇବାରେ ।

ଜୀବନର ଯାତ୍ରା ନୁହେଁ ସମତଳ, ନୁହଁଇ ସରଳରେଖା
କେବେ ଅବତଳ, କେବେ ଉନ୍ମୁକ୍ତ, କେତେ ଗଣ୍ଠି ତହିଁ ଯୋଖା ।

ଏମିତି ଅନେକ ଜୀବନର ସତ୍ୟ ଶିଖାଇଛ ଶ୍ରେଣୀ କକ୍ଷେ
କେବେ ଯଦି ଆସେ ଜଟିଳ ସମସ୍ୟା ସେ ସତ୍ୟ ନିଜେ ପରଖେ ।

ତର୍କ, ବିତର୍କ, ମିଶାଣ, ଫେଡାଣ, ହରଣ, ଗୁଣନ କରି
ଯୁକ୍ତିଯୁକ୍ତ ଯାହା ମନେହୁଏ, ଆଗେ ବଢେ ମୁଁ ତାହାକୁ ଧରି ।

ଆଜି ତୁମ ପାଇଁ କୃତାଞ୍ଜଳି ମୋର, କେବଳ ଭାବ ହୃଦର
ତୁମେ ଯେଉଁ ଧନ ଦେଇଅଛ ତାର ତୁଳନା ଦାନ କେବଳ ।

ତୁମେ ଯେଉଁପରି ଶିକ୍ଷା ଦେଇଥିଲ, ସେଇ ବାଟକୁ ଆବୋରି
ବିଦ୍ୟା ମହାଧନ, ବାଣ୍ଟିବି ସଂସାରେ ତୁମକୁ ସ୍ମରଣ କରି ।

ଓଁ ଅଜ୍ଞାନ ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ ଶଲାକୟା
ଚକ୍ଷୁରୁନ୍ମୀଳିତଂୟେନ ତସ୍ମୈ ଶ୍ରୀଗୁରବେ ନମଃ ।

ଗୁରୁ ବ୍ରହ୍ମା ଗୁରୁବିଷ୍ଣୁ ଗୁରୁଦେବ ମହେଶ୍ୱର
ଗୁରୁ ସାକ୍ଷ୍ୟାତ୍ ପରଂବ୍ରହ୍ମ ତସ୍ମୈ ଶ୍ରୀଗୁରବେ ନମଃ ।

# ତୁମ୍ଭେ

ଆୟାନ ବିଶ୍ୱାଳ, ବେଲ୍ ଏୟାର୍, ମେରୀଲାଣ୍ଡ



ତୁମେ ହିଁ ଜନମ ତୁମେ ହିଁ ମରଣ
ସାର୍ ଏ ସୃଷ୍ଟି ତୁମ୍ଭର
ଯିଏ ଯାହା ଗୃହେଁ ଦେଇଅଛ ତୁମେ
ତୁମ୍ଭେ ପରମ ଈଶ୍ୱର (୧)

ସବୁ ଇଚ୍ଛା ପୂର୍ତ୍ତି ତୁମ ଚରଣରେ
ନତମସ୍ତକ ଏ ବ୍ରହ୍ମାଣ୍ଡ
ଭଜନ ଜଣାଣ ନାମ ସଂକୀର୍ତ୍ତନେ
ସହସ୍ର ଭକତ ରୁଣ୍ଡ (୨)

ସୂର୍ଯ୍ୟ ଚନ୍ଦ୍ର ତାର୍ ତୁମରି ଆଜ୍ଞାରେ
ବରଷନ୍ତି ଜ୍ୟୋତି ର୍ଶି
ତୁମର କରୁଣା ପ୍ରତି ହୃଦୟରେ
ଫୁଟୁଛି ଆଲୋକେ ହସି (୩)

ଖୋଜିବି ଆଗରେ ଖୋଜିବି ପଛରେ
ତୁମ୍ଭ ଦର୍ଶନ ପାଇଁ
ଛପନ ଭୋଗ ମୁଁ ବାଢ଼ି ଅଛି ପ୍ରଭୁ
ଘେନ ହେ ଜଗତ ସାଇଁ (୪)

ତୁମ ଅଷ୍ଟକମ ସହସ୍ରନାମ ମୁଁ
ଗାଉଥିବି ଦିନଗ୍ତି
ଧନ୍ୟ ପ୍ରଭୁ ତୁମ୍ଭ କରୁଣା ଆଶିଷେ
ରହୁ ମୋର ଚିତ ମତି (୫)

# ନାରୀ

ସୁବାସ ଶତପଥୀ  (ଯୋଗାଯୋଗ - ଲିନା ମିଶ୍ର)



ଶ୍ରାବଣ ରାତିର ଅମା ଅନ୍ଧାର ତୁମ କୁନ୍ତଳ ତଳ
ଚକ୍ଷୁ ଚମକ ଚପଳା ଝଲକ ଲାଗେ ସତେ ଅବିକଳ
ବକ୍ଷ ଧରିଛି ବିପୁଳ ବିଭବ, ନୟନ ନରମ ଠାଣି
କାଉଁରି ମାୟାରେ ପଲକେ ସଭିଙ୍କ ମନ ନେଇପାର କିଣି

ମୁଖରେ ତୁମର ସତେଜ ସକାଳ, କଅଁଳ ଶୀତଳ ଖରା
ହସରେ ଭରିଛି ମମତାରେ ମଖା ଜାହ୍ନବୀ ବର ଧାରା
କେବେଗୋ ବସନ୍ତ, ବଇଶାଖ କେବେ, କେବେ ଶ୍ରାବଣର ଝର
ମନ ଉପବନେ କୋଇଲିର କୁହୁ, ମିଠାମିଠା ମହୁ ଧାର ।

କେବେତ ଧରତୀ, ତ୍ୟାଗର ମୂରତି, କେବେ ପୁଣି ଉନ୍ମାଦିନୀ
ଶସ୍ୟ ଶ୍ୟାମଳା କ୍ଷେତଟିଏ କେବେ, ମାତୃଭାବେ ଗରବିଣୀ
ଅଇଶ୍ୱର୍ଯ୍ୟ ଅବା ଆଶ୍ଚର୍ଯ୍ୟ ତୁମେ, ଜାଣିତ ପାରୁନି ଜମା
ହେମ ହରିଣୀର ଚମକେ ଚମକ ତୁମେହିଁ ତୁମର ସୀମା ।

ଜାଣିନାହିଁ ତୁମେ ମୋହିନୀ କି, ଅବା ମୋହନ ଘନ ମାୟା
ବୁଝିଛି ଖାଲିଯା, ସଂସାର ଅର୍ଥେ ବିସ୍ତାରି ଅଛ କାୟା ।